# NATIONAL NEWS BULLETIN (ODIA)

## 01st April - 2026

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଆସାମରେ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବା ଲାଗି ବି.ଜେ.ପି.' ସମାନ ନାଗରିକ ସଂହିତା କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦେଉଛି; କହିଲେ ପ୍ରଧାନମନ୍ତ୍ରୀ ।

- ଦେଶରେ ଆସନ୍ତା ୨ ମାସ ପାଇଁ ଅଶୋଧିତ ତୈଳ ମହଜୁଦ ରହିଛି; ସ୍ପଷ୍ଟ କଲେ କେନ୍ଦ୍ର ସରକାର ।

- ରାଜ୍ୟସଭାରେ ଆଜି ପାରିତ ହେଲା କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସାଧାରଣ ପ୍ରଶାସନ) ବିଧେୟକ-୨୦୨୬ ।

ଏବଂ

- ଆଇ.ପି.ଏଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସର ବୋଲିଂ ନିଷ୍ପତ୍ତି ।

# ପି.ଏମ୍. - ଆସାମ ଇଲେକ୍ସନ ର୍ୟାଲି

ପ୍ରଧାନମନ୍ତ୍ରୀ ତଥା ବି.ଜେ.ପି. ବରିଷ୍ଠ ନେତା ନରେନ୍ଦ୍ର ମୋଦି ଆଜି ଆସାମରେ ୨ଟି ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ଗୋଗାମୁଖ୍‌ଠାରେ ଆୟୋଜିତ ପ୍ରଥମ ଜନସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଛନ୍ତି, ବି.ଜେ.ପି.ପାଇଁ ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା । ଦଳ ସମାବେଶୀ ବିକାଶ ଲକ୍ଷ୍ୟ ହାସଲ ଲାଗି ସର୍ବଦା ଭିତ୍ତିଭୂମି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ଶ୍ରୀ ମୋଦି କହିଛନ୍ତି, ଆସାମରେ ଏନ୍.ଡି.ଏ. ଶାସନକାଳରେ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇପାରିଛି । ରାଜ୍ୟକୁ ଶାନ୍ତି ଫେରାଇ ଆଣିବା ଦିଗରେ ଡବଲ ଇଞ୍ଜିନ ସରକାର ସହାୟକ ହୋଇପାରିଛି ବୋଲି ଶ୍ରୀ ମୋଦି କହିଛନ୍ତି । ଆସାମ ସମଗ୍ର ବିଶ୍ୱରେ ଚାହାପାଇଁ ପ୍ରସିଦ୍ଧ ଏବଂ ଆଗାମୀ ଦିନରେ ମୋରିଗାଁଠାରେ ସେମିକଣ୍ଡକ୍ଟର ପ୍ଲାଣ୍ଟ୍ ନିର୍ମାଣ ହେବା ସହ ଏହି ରାଜ୍ୟ ସେମିକଣ୍ଡକ୍ଟର ଚିପ୍ ପାଇଁ ପ୍ରସିଦ୍ଧି ଲାଭ କରିବ ।

***Voice (PM - Chip)*** :.......

ଗତକାଲି ବି.ଜେ.ପି.ର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଥିବା ପରିପ୍ରେକ୍ଷୀରେ ଶ୍ରୀ ମୋଦି କହିଛନ୍ତି, ଭିତ୍ତିଭୂମି, କର୍ମନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ବୃହତ୍ ପୁଞ୍ଜିନିବେଶପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ

ଆଦିବାସୀ ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷା ଦେବାଲାଗି ସମାନ ନାଗରିକ ସଂହିତା କାର୍ଯ୍ୟକାରୀ କରିବା ଦିଗରେ ଦଳ କାର୍ଯ୍ୟ କରୁଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ବିଶ୍ୱନାଥଠାରେ ଆୟୋଜିତ ଦ୍ୱିତୀୟ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆତ୍ମନିର୍ଭର ଆସାମ' ଗଠନ କରିବା ହେଉଛି ବି.ଜେ.ପି.ର ଲକ୍ଷ୍ୟ । ରାଜ୍ୟରେ ବନ୍ୟା ବିପର୍ଯ୍ୟୟ ନିୟନ୍ତ୍ରଣ ନିମନ୍ତେ ୧୮ ହଜାର କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ଦଳ ପ୍ରତିଶ୍ରୁତି ଦେଇଛି ବୋଲି ଶ୍ରୀ ମୋଦି କହିଛନ୍ତି । ତାଙ୍କ ସରକାର ବେଆଇନ ଭାବେ ବସବାସ କରୁଥିବା ଲୋକଙ୍କୁ ଆସାମରୁ ହଟାଇବା ଲାଗି ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଇଣ୍ଟର-ମିନିଷ୍ଟେରିଆଲ୍ ବ୍ରିଫିଙ୍ଗ୍

ପଶ୍ଚିମ ଏସିଆରେ ସଙ୍କଟଜନକ ପରିସ୍ଥିତି ସତ୍ତ୍ୱେ ଦେଶରେ ସମସ୍ତ ପ୍ରକାର ଶସ୍ୟର ବିହନ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି ବୋଲି ସରକାରଙ୍କ ପକ୍ଷରୁ ଆଜି ଦୃଢ଼ୋକ୍ତି ପ୍ରକାଶ କରାଯାଇଛି । ନୂଆଦିଲ୍ଲୀରେ ପଶ୍ଚିମ ଏସିଆ ସାମ୍ପ୍ରତିକ ସ୍ଥିତି ବିକାଶ ସଂକ୍ରାନ୍ତ ଆନ୍ତଃ ମନ୍ତ୍ରଣାଳୟସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କୃଷି ଏବଂ କୃଷକ କଲ୍ୟାଣ ବିଭାଗର

ଅତିରିକ୍ତ ସଚିବ ଡକ୍ଟର ମନୀନ୍ଦର କୌର ଦ୍ୱିବେଦୀ ସୂଚନା ଦେଇ କହିଛନ୍ତି, ଦେଶରେ ୧୮୫ ଲକ୍ଷ କୁଇଣ୍ଟାଲ୍‌ରୁ ଊର୍ଦ୍ଧ୍ୱ ଖରିଫ୍ ଶସ୍ୟ ବିହନ ମହଜୁଦ ରହିଛି । ଚଳିତ ଖରିଫ୍ ଋତୁପାଇଁ ୪୬ ପ୍ରତିଶତ ସାର ଏବଂ ପର୍ଯ୍ୟାପ୍ତ ପରିମାଣର କୃଷି ରସାୟନ ପଦାର୍ଥ ଉପଲବ୍ଧ ରହିଛି ବୋଲି ସେ କହିଛନ୍ତି ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୁଗ୍ମ ସଚିବ **ଅସଙ୍ଗବା ଚୁବା ଆଓ** ସୂଚନା ଦେଇ କହିଛନ୍ତି, ଘରୋଇ ବିମାନ ଚଳାଚଳ ନିମନ୍ତେ ବିମାନ ଇନ୍ଧନ ମୂଲ୍ୟ ୨୫ ପ୍ରତିଶତ ସୀମିତ ବୃଦ୍ଧି ନେଇ ସରକାରଙ୍କ ନିଷ୍ପତ୍ତିକୁ ବେସାମରିକ ବିମାନ ଚଳାଚଳ ଶିଳ୍ପ ସ୍ୱାଗତ କରିଛି । ସେ କହିଛନ୍ତି, ପଶ୍ଚିମ ଏସିଆରେ ସୃଷ୍ଟ ସଙ୍କଟଜନକ ପରିସ୍ଥିତି ଦୃଷ୍ଟିରୁ ବିଶ୍ୱ ଶକ୍ତି ବଜାରରେ ଦେଖାଦେଇଥିବା ଅସ୍ଥିରତାରୁ ଏହା ସାମୟିକ ଆଶ୍ୱସ୍ତି ପ୍ରଦାନ କରିବ ।

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶରେ ଅଶୋଧିତ ତୈଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । ଆସନ୍ତା ୨ ମାସ ପାଇଁ ଅଶୋଧିତ ତୈଳ ଯୋଗାଣ ସୁନିଶ୍ଚିତ କରିବା ଲାଗି ସରକାର ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛନ୍ତି ବୋଲି ଶ୍ରୀମତୀ ଶର୍ମା କହିଛନ୍ତି । ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକରେ ଇନ୍ଧନ ଅଭାବ ଥିବା ସମ୍ପର୍କରେ କୌଣସି ତଥ୍ୟ ହସ୍ତଗତ ହୋଇ ନାହିଁ ।

***Voice (Sujata Sharma)*** :......

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ତେହେରାନ୍‌ଠାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏପର୍ଯ୍ୟନ୍ତ ୧

ହଜାର ୧୭୧ ଜଣ ଭାରତୀୟଙ୍କ ପ୍ରତ୍ୟାବର୍ତ୍ତନପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଆର୍.ଏସ୍. - ଆର୍ମଡ୍ ଫୋର୍ସ ବିଲ୍

ରାଜ୍ୟସଭାରେ ଆଜି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସାଧାରଣ ପ୍ରଶାସନ) ବିଧେୟକ-୨୦୨୬ ବାଚନିକ ଭୋଟ୍‌ରେ ଗୃହୀତ ହୋଇଛି । କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀରେ ଗ୍ରୁପ୍-ଏ' ଜେନେରାଲ୍ ଡ୍ୟୁଟି ଅଫିସର ଏବଂ ଅନ୍ୟ ଅଧିକାରୀମାନଙ୍କ ନିଯୁକ୍ତି ଏବଂ ଚାକିରି ସର୍ତ୍ତାବଳୀ ନିୟନ୍ତ୍ରଣ କରିବା ନେଇ ଏହି ବିଧେୟକର ଲକ୍ଷ୍ୟ ରହିଛି ।

ଲୋକସଭାରେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ (ସଂଶୋଧନ) ବିଧେୟକ-୨୦୨୬ ଗୃହୀତ ହୋଇଛି । ଏହା ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ ୨୦୧୪କୁ ସଂଶୋଧନ କରୁଛି । ଆନ୍ଧ୍ରପ୍ରଦେଶର ରାଜଧାନୀ ଭାବେ ଅମରାବତୀକୁ ମାନ୍ୟତା ପ୍ରଦାନ କରିବାରେ ଏହି ବିଧେୟକରେ ବ୍ୟବସ୍ଥା ରହିଛି ।

# ରେଲ୍‌ୱେ ଫ୍ରାଇଟ୍ କାର୍ଗୋ

ଭାରତୀୟ ରେଳବାଇ ୨୦୨୫-୨୬ ଆର୍ଥିକ ବର୍ଷରେ ମାଲ୍ ପରିବହନ କ୍ଷେତ୍ରରେ ନୂତନ ରେକର୍ଡ଼ ସୃଷ୍ଟି କରିଛି । ରେଳବାଇରେ ୨୦୨୫-୨୬ରେ ୧ ହଜାର ୬୭୦ ନିୟୁତ ଟନ୍ ମାଲ୍ ବୃଦ୍ଧି ରେକର୍ଡ଼ କରାଯାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୩ ଦଶମିକ ୨/୫ ପ୍ରତିଶତ ଅଧିକ । ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ବୃଦ୍ଧି ମୁଖ୍ୟତଃ ସାର, ପିଗ୍ ଆଇରନ୍ ଏବଂ ଇସ୍ପାତ ଯୋଗୁଁ ହୋଇଛି । ଦେଶର ଅଧିକାଂଶ ଅଞ୍ଚଳରେ କୃଷିଜାତ ସାମଗ୍ରୀର ଚାହିଦା ବୃଦ୍ଧି ଏବଂ ଶିଳ୍ପ ସମ୍ପ୍ରସାରଣ ବିଶେଷକରି ଇସ୍ପାତ କ୍ଷେତ୍ରରେ ପରିବହନ ବୃଦ୍ଧି ଯୋଗୁଁ ଏହା ସମ୍ଭବପର ହୋଇପାରିଛି । ଲୁହାପଥର ପରିବହନ ୬ ଦଶମିକ ୭/୪ ପ୍ରତିଶତ ବୃଦ୍ଧି ପାଇ ୧୯୦ ଦଶମିକ ୧/୨ ମେଟ୍ରିକ୍ ଟନ୍‌ରେ ପହଞ୍ଚିଥିବାବେଳେ ସମେଣ୍ଟ ପରିବହନ ୪ ଦଶମିକ ୭/୪ ପ୍ରତିଶତ ବୃଦ୍ଧି ପାଇଁ ୧୫୭ ଦଶମିକ ୧/୭ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ଏହାଦ୍ୱାରା ଦେଶରେ ଭିତ୍ତିଭୂମି କ୍ଷେତ୍ରରେ ବିକାଶ ସହ ନିର୍ମାଣ କ୍ଷେତ୍ରରେ ଯଥେଷ୍ଟ ପ୍ରଗତି ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ରୁଷ୍ ଡେପୁଟି ପି.ଏମ୍. ଭିଜିଟ୍

ରୁଷ୍‌ର ପ୍ରଥମ ଉପପ୍ରଧାନମନ୍ତ୍ରୀ ଡେନିସ୍ ମାଣ୍ଟୁରୋଭ୍ ଆସନ୍ତାକାଲିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସିବେ । ଏହି ଗସ୍ତକାଳରେ ଶ୍ରୀ ମାଣ୍ଟୁରୋଭ୍' ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ୍ ଆଲୋଚନା କରିବେ । ଶ୍ରୀ ମାଣ୍ଟୁରୋଭ୍ ମଧ୍ୟ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ୍‌ଙ୍କ ସହ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି ।

## ବି.ଜେ.ପି. - ମହା କ୍ୟାଣ୍ଡିଡେଟ୍‌ସ

ମହାରାଷ୍ଟ୍ର ବିଧାନସଭା ଉପନିର୍ବାଚନ ନିମନ୍ତେ ବି.ଜେ.ପି. ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି । ଦଳ ପକ୍ଷରୁ ରାହୁରି ବିଧାନସଭା ଆସନପାଇଁ ଅକ୍ଷୟ ଶିବାଜୀରାଓ କାର୍ଡ଼ିଲେଙ୍କୁ ପ୍ରାର୍ଥୀ କରାଯାଇଛି । ମହାରାଷ୍ଟ୍ର ଉପନିର୍ବାଚନ ନିମନ୍ତେ ଚଳିତ ମାସ ୨୩ ତାରିଖରେ ମତଦାନ ଅନୁଷ୍ଠିତ ହେବ ସହ ଆସନ୍ତାମାସ ୪ ତାରିଖରେ ଭୋଟ୍ ଗଣନା କରାଯିବ ।

# ଇ.ସି. - ସେଣ୍ଟ୍ରାଲ୍ ଅବ୍‌ଜରଭର୍ସ

ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଆସାମ, କେରଳ ଓ ପୁଡୁଚେରୀରେ ନିୟୋଜିତ ହେବାକୁ ଥିବା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କ ସହ ଆଜି ନିର୍ବାଚନ ଆୟୋଗ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଆସାମ, କେରଳ ଓ ପୁଡୁଚେରୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ମୋଟ୍ ୨୮୨ ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଅଂଶଗ୍ରହଣ କରିଥିଲେ । ବୈଠକ ସମୟରେ ନିର୍ବାଚନ ଆୟୁକ୍ତ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ଉତ୍ସାହଜନକ କରିବା ଲାଗି ପରାମର୍ଶ ଦେଇଥିଲେ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ନିର୍ବାଚନ ଆଚରଣ ବିଧିକୁ ଦୃଢ଼ତାର ସହିତ କାର୍ଯ୍ୟକାରୀ କରିବା ଲାଗି ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସବୁ ଭୋଟ୍‌ଗ୍ରହଣ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲାଗି ପର୍ଯ୍ୟବେକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକରେ ମୋବାଇଲ୍ ରଖିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ସହ ଧାଡ଼ିରେ ଅପେକ୍ଷାରତ ଭୋଟର୍‌ମାନଙ୍କପାଇଁ ବିହିତ ପଦକ୍ଷେପ ନେବା ଲାଗି ପରାମର୍ଶ ଦିଆଯାଇଛି ।

# ପ୍ରଧାନ - ଏ.ଆଇ. ସି.ଟି. କରିକ୍ୟୁଲମ୍ ଲଞ୍ଚ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ଜାତୀୟ ଶିକ୍ଷାନୀତିକୁ ଦୃଷ୍ଟିରେ ରଖି ଭାରତୀୟ ଭାଷାରେ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଏବଂ କୃତ୍ରିମ ବୁଦ୍ଧିମତ୍ତାର ପ୍ରଚଳନ କରିବାକୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଏବଂ କୃତ୍ରିମ ବୁଦ୍ଧିମତ୍ତା ପାଠ୍ୟକ୍ରମ ଆରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି, ପାଠ୍ୟକ୍ରମ ଇଂରାଜୀରେ ପ୍ରଚଳନ କରାଯାଇଥିବାବେଳେ ଏହାକୁ ଆଞ୍ଚଳିକ ଭାଷାରେ ପ୍ରଚଳନ କରାଯିବା ଉଚିତ । ସେ କହିଛନ୍ତି, ଭାରତ ଏହାର ବୌଦ୍ଧିକ ପ୍ରବାସୀ ଏବଂ ଜ୍ଞାନକୁ ପ୍ରଭାବଶାଳୀ ଢଙ୍ଗରେ ଆଞ୍ଚଳିକ ଭାଷାରେ ଗୁରୁତ୍ୱ ଦେବା ଆବଶ୍ୟକ । ବିଶେଷକରି ଭାରତର ଐତିହାସିକ ବୌଦ୍ଧିକ ପରମ୍ପରା ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି, ଆର୍ଯ୍ୟଭଟ୍ଟ ଏବଂ ମାଧବଙ୍କ ପରି ଗଣିତଜ୍ଞମାନେ ମଧ୍ୟ ମାତୃଭାଷାରେ ସେମାନଙ୍କ ମୌଳିକ ଚିନ୍ତାଧାରାକୁ ବିକଶିତ କରିଥିଲେ । ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ - ଏନ୍.ସି.ଇ.ଆର୍.ଟି.କୁ ଶିକ୍ଷାବର୍ଷ ମଧ୍ୟରେ ବିଭିନ୍ନ ଭାଷାରେ ପାଠ୍ୟକ୍ରମ ଅନୁବାଦ ସହିତ ଏହାକୁ କାର୍ଯ୍ୟକାରୀ କରିବାପାଇଁ ରାଜ୍ୟ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ସ୍ଥାପନ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ ।

ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ନୂତନ ଭାବେ ଆରମ୍ଭ ହୋଇଥିବା କମ୍ପ୍ୟୁଟେସନାଲ୍ ଥିଙ୍କିଂ ଏବଂ କୃତ୍ରିମ ବୁଦ୍ଧିମତ୍ତା ପାଠ୍ୟକ୍ରମ ସମଗ୍ର

ଦେଶର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ଼ ବିଦ୍ୟାଳୟଗୁଡ଼ିକରେ ପ୍ରଚଳନ କରାଯିବ ।

## ଆଇ.ପି.ଏଲ୍.

ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଆଉ କିଛି ସମୟ ପରେ ଆଇ.ପି.ଏଲ୍. କ୍ରିକେଟ୍ ପ୍ରତିଯୋଗିତାରେ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀ କ୍ୟାପିଟାଲ୍ ଦଳ' ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

## ଫୁଟ୍‌ବଲ୍ - ସାଫ୍ ୟୁ-୨୦

ମାଲଦ୍ୱୀପର ମାଲେ ନ୍ୟାସନାଲ୍ ଷ୍ଟାଡିୟମ୍‌ଠାରେ ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଭାରତ ଆଜି ଭୁଟାନ୍‌କୁ ଭେଟିବ । ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୯ଟାରେ ଅନୁଷ୍ଠିତ ହେବ । ଭାରତ ଗ୍ରୁପ୍-ବି'ରେ ପାକିସ୍ତାନକୁ ୩-୦ରେ ହରାଇଥିବାବେଳେ ବାଂଲାଦେଶ ସହ ୧-୧ ଅମୀମାଂଶିତ ରହି ତାଲିକାର ଶୀର୍ଷରେ ରହିଛି ।

*****